Digitized by srujanika@gmail.com

ଆମ ଗ୍ରହ ଓ ଉପଗ୍ରହ

ଚନ୍ଦ୍ର

ଲେଖକ—

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ଦ୍ୱିତୀୟ ସଂସ୍କରଣ

ପ୍ରକାଶକ—

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:

ବ୍ରହ୍ମପୁର : କଟକ : ସମ୍ବଲପୁର

୧୯୫୪

ମୂଲ୍ୟ ଟ ୦ ।/ ପାଞ୍ଚଅଣା ମାତ୍ର

Digitized by srujan ka@gmail.com

ଆମ ଗ୍ରହ ଓ ଉପଗ୍ରହ

ସୂର୍ଯ୍ୟ

ଚନ୍ଦ୍ର

ପୃଥିବୀ

ମଙ୍ଗଳ

ଆକାଶମଣ୍ଡଳ

ପ୍ରତ୍ୟେକର ମୂଲ୍ୟ ପାଞ୍ଚଅଣା

Digitized by srujan ka@gmail.com

ଚନ୍ଦ୍ର

ଆସ ମାମୁଘରକୁ କିଏ ଯିବ

ମୁଁ ଆଜି ମାମୁଘରକୁ ଯିବି ବୋଲି ବାହାରୁଛି, ତୁମ ଭିତରୁ କିଏ ମୋ ସାଙ୍ଗରେ ସାଥୀ ହେବ ? ମାମୁଘରକୁ ଯିବାକୁ କେଉଁ ପିଲା ଭଲ ନ ପାଏ ?

ତୁମେ ଭାବୁଥିବ, ଏ ତ ୟାଙ୍କ ମାମୁଘରକୁ ଯିବେ, ଆମେ କାହିଁକି ଏହାଙ୍କ ସାଙ୍ଗରେ ସାଥୀ ହେବା ? ଏହାଙ୍କ ମାମୁଘର ଯେ ଆମର ଅଜଣା, ଅଶୁଣା ।

ମୁଁ କିନ୍ତୁ ଯେଉଁ ମାମୁଘରକୁ ଯିବା କଥା କହୁଛି, ସେ ମୋର ଯେପରି ମାମୁ, ତୁମର ବି ସେହିପରି ମାମୁ । ଦୁନିଆର ଯେତେ ଯେଉଁଠି ପିଲା ଅଛନ୍ତି, ସମସ୍ତଙ୍କର ସେ ମାମୁ । କେବଳ କଣ ଆମ ପିଲାଙ୍କର ମାମୁ ? ଯୁଗେ ଯୁଗେ ସେ ଦୁନିଆରେ ସମସ୍ତଙ୍କର ମାମୁ ହୋଇ ରହିଛି । ଆମ ବାପା, ଅଜା, ଅଣଅଜା, ପଣଅଜା—ସେ ସମସ୍ତେ ଯେତେବେଳେ ପିଲା ଥିଲେ, ସେତେବେଳେ ତାକୁ ମାମୁ ବୋଲି ଡାକୁଥିଲେ । ଏବେ ଆମେ ମାମୁ ବୋଲି ଡାକୁଆଉଁ । ଆମ ପରେ ଆମର ପୁଅ, ନାତି, ପଣନାତି—ସେମାନେ ବି ତାକୁ ମାମୁ ବୋଲି ଡାକିବେ ।

Digitized by srujan ka@gmail.com

ସାରା ଦୁନିଆରେ ଏପରି ସବୁଦିନିଆ ମାମୁ ଆଉ କଅଣ କେଉଁଠି ଅଛନ୍ତି ? ଛୋଟ ଛୋଟ ପିଲାମାନଙ୍କଠାରୁ ଏତେ ସୋହାଗ, ଏତେ ଆଦର ଯତ୍ନ ଆଉ କଅଣ କିଏ ପାଆନ୍ତି ?

ଏ ମାମୁ ତେବେ କିଏ କହିଲ ? ଏ ମାମୁ ପରି ଆମ 'ଜହ୍ନମାମୁ' ।

ମନେ କର, ପୁନିଅଁ ରାତି । ଜହ୍ନ ଆଲୁଅରେ ଚାରିଆଡ଼ ସଫା; ସତେ ଯେପରି ପୃଥିବୀ ଧୋବ ଫରଫର ଲୁଗା ଦେହଯାକ ଘୋଡ଼ାଇ ହୋଇଛି । ସେତେବେଳେ ତୁମ ଟିକି ସାନ ଭାଇଟିକୁ ଆଉ ଜମା ନିଦ ହେଉନାହିଁ । ସେ କାନ୍ଦୁଛି, ଜିଦ୍ ହେଉଛି । ମା ଅନ୍ୟ ଉପାୟ ନ ଦେଖି ତାକୁ କାଖ କଲେ, ଦୁଆରେ ବୁଲାଇଲେ । ତାକୁ ଭୁଲାଇବା ପାଇଁ କଅଁଳ ସୁରରେ ଗୀତ ବୋଲିଲେ—

"ଆ ଜହ୍ନମାମୁ ଶରଦଶଶୀ
ମୋ କୁନି ହାତରେ ପଡ଼ରେ ଖସି ।"

ଗୀତ ବୋଲିବା ସାଙ୍ଗେ ସାଙ୍ଗେ ଉପରକୁ ହାତ ବଢ଼ାଇ ରୁପା ଥାଳିଆ ପରି ଦିଶୁଥିବା ଚନ୍ଦ୍ରକୁ ଦେଖାଇଦେଲେ । ମାମୁ ନାମ ଶୁଣି ଓ ଏଡ଼େ ସୁନ୍ଦର ମାମୁଙ୍କୁ ଦୂରରେ ଦେଖି କୁନି କାନ୍ଦ ଭୁଲିଗଲା । ତା ଟିକି ଟିକି ହାତ ଦୁଇଟି ବଢ଼ାଇଦେଇ ବଡ଼ ଆଗ୍ରହରେ ଡାକ ପକାଇଲା—ଆ, ଆ । ସେତେବେଳେ ତାର କି ଆନନ୍ଦ ! ମାମୁଙ୍କୁ ପାଖରେ ପାଇଲେ, ତା କୋଳକୁ ଡେଇଁପଡ଼ି ସତେ ଅବା ଖୁସିରେ ଖେଳନ୍ତା !

Digitized by srujan ka@gmail.com

ଜହ୍ନମାମୁଙ୍କୁ ଦେଖି ଏଥର କୁଅ, ତୁମେ କ'ଣ ଏପରି ଖୁସି ହେଉନ ? ତୁମେ ଯେତେବେଳେ ତା ପରି ଛୋଟ ଶିଶୁଟିଏ ହୋଇଥିଲ, ସେତେବେଳେ ତୁମେ ବି ଜହ୍ନମାମୁଙ୍କୁ ଦେଖି ଏହିପରି ବିଭୋର ହୋଇ ଯାଉଥିଲ । ପୃଥିବୀର ସବୁ ଦେଶରେ, ସବୁ କାଳରେ ପିଲାଏ ଜହ୍ନମାମୁଙ୍କୁ ମନ ପୂରାଇ ଆଦର କରିଆସନ୍ତି । ତାଙ୍କୁ ଦେଖି ନିଜର ସବୁ ଦୁଃଖ, ଶୋକ ଭୁଲି ଯାଇଥାଆନ୍ତି ।

ସମସ୍ତଙ୍କର ସବୁ ଯୁଗରେ ଏମିତି ମନଭୁଲାଇବା ମାମୁ କେବଳ ସେହି ଜହ୍ନ ବା ଚନ୍ଦ୍ର । ତାଙ୍କ ଘରକୁ ଯିବା କଥା ମୁଁ କହୁଥିଲି ।

ଜହ୍ନ ଆମର କିପରି ମାମୁ ହେଲେ

ପୃଥିବୀ ଆମର ମାଆ । ଆମେ ଜନ୍ମ ହୋଇ ପୃଥିବୀ କୋଳରେ ଶୋଇ, ସେଇଠାରେ ହାତ ଗୋଡ଼ ବାଡ଼େଇ ଖେଳୁ । ବଡ଼ ହେଲେ ନାଚୁ, କୁଦୁ । ପୃଥିବୀ କୋଳ ଯେ ମାଟି; ସେଥିରୁ ଯେଉଁ ଖାଇବା ଜିନିଷ ଉତ୍ପନ୍ନ ହୁଏ, ତାକୁ ଖାଇ ବଞ୍ଚୁ; ପୃଥିବୀରେ ଥିବା ପାଣି ପିଉ । ପୃଥିବୀର ବାୟୁରେ ଆମ ଜୀବନ ରହିଛି । ଏହି ସବୁ କାରଣରୁ ପୃଥିବୀ ଆମର ମା; ଜନ୍ମ କଲା ମା ଠାରୁ ବି ବେଶି ଉପକାରୀ । ଯୁଗ ଯୁଗ ଧରି ସେ ଆମ ସମସ୍ତଙ୍କର ମା ହୋଇ ରହିଛି—ସବୁ ଦିନେ ମଧ୍ୟ ରହିଥିବ ।

ଜହ୍ନ ସେହି ପୃଥିବୀ ମାଆର ସାନ ଭାଇ । ତେଣୁ ସେ ଆମର ମାମୁ ।

Digitized by srujan ka@gmail.com

ଜହ୍ନ ପୃଥିବୀର ସାନ ଭାଇ କପରି ?—ଏଇ କଥା ଭାବୁଛ ତ? ତେବେ ଶୁଣ—

ଏହା ଆଜିକାଲିକାର କଥା ନୁହେ । କୋଟି କୋଟି ବର୍ଷ ବିତିଗଲାଣି । ସେତେବେଳେ ଏ ପୃଥିବୀରେ ଆମେ ତ ନ ଥିଲେ; ଆମ ବାପ, ଅଜା କି ତାଙ୍କର ବାପ, ଅଜା ନ ଥିଲେ । ମୋଟ ଉପରେ ଜଣେ ହେଲେ କେହି ମଣିଷ ନ ଥିଲେ । ଏକା ମଣିଷ କାହିଁକି, କୌଣସି ପଶୁପକ୍ଷୀ, କୀଟପତଙ୍ଗ ଏପରି କି ଗଛଲତା ବି ନ ଥିଲେ । ପାଣି, ପବନ ମଧ୍ୟ ଦେଖା ନ ଥିଲା; ଜୀବଜନ୍ତୁ, ଗଛଲତା ବା ଆସିବେ କୁଆଡୁ ?

ପୃଥିବୀ ନୂଆ ହୋଇ ଜନ୍ମ ହୋଇଥାଏ । ନିଆଁ ଲାଆ, ପୁର୍ ପୁର୍ ନିଆଁ ଗ୍ୟାସର ପିଣ୍ଡୁଳାଟିଏ ।

ଜନ୍ମ ହେଲାକ୍ଷଣି ସେ କଅଣ ଆଉ ଥୟ ହୋଇ ରହିଲା ? ତୁମେ ଶୁଣିଥିବ, ଜନ୍ମ ହେଲା ମାସକେ ତୁମେ କୁଆଁ କୁଆଁ କାନ୍ଦିଲ, ହାତଗୋଡ଼ ହଲାଇଲ । ସେହିପରି ପୃଥିବୀ ଜନ୍ମ ହେବା ସାଙ୍ଗେ ସାଙ୍ଗେ ଘୂରିବାକୁ ଲାଗିଲା । ସେହି ଘୂରିବା କାମ ଏ ପର୍ଯ୍ୟନ୍ତ ବି ଲାଗିଛି, ଚିରଦିନ ଲାଗି ରହିଥିବ ।

ଭୂଗୋଳରେ ତ ପଢ଼ିଛ, ପୃଥିବୀ ମଝିରେ ଏକ ଅକ୍ଷଦଣ୍ଡର କଳ୍ପନା କରାଯାଇଛି । ସେହି ଅକ୍ଷଦଣ୍ଡରେ ରହି ସେ ଚକ୍ର ଘୂରିଲା ପରି ଘୂରୁଛି । ଏପରି ଘୂରିବାରୁ ରାତି ଦିନ ହେଉଛି । ଆଉ ମଧ୍ୟ ସୂର୍ଯ୍ୟ ଚାରିପାଖରେ ଗୋଟିଏ ନିର୍ଦ୍ଦିଷ୍ଟ ରାସ୍ତା ଉପରେ ସେ ଗତି କରୁଛି । ସେପରି ଗତି କରିବା ଦ୍ୱାରା ଗ୍ରୀଷ୍ମ, ବର୍ଷା ଆଦି ଛ ଋତୁ ହେଉଅଛି ।

Digitized by srujan ka@gmail.com

ତୁମେ ମେଞ୍ଚାଏ ମାଟି ପାଣି ପକାଇ ଚକଟ; ସେଥିରେ ଗୋଟିଏ ପେଣ୍ଡୁଲା ତିଆରି କର । ସେ ପେଣ୍ଡୁଲା ମଝିରେ ଖଣ୍ଡିଏ କାଠି ପୁରାଇ ପେଣ୍ଡୁଲାଟିକୁ ବୁଲାଅ । ଜୋରରେ ବୁଲାଇଲେ ଦେଖିବ, ସେ ପେଣ୍ଡୁଲାରୁ ଟିକିଏ ଟିକିଏ ମାଟି ଛିଟିକି ଯାଇ ଦୂରରେ ପଡ଼ିବ ।

ପୃଥିବୀ ତ ଜନ୍ମ ହେଲା ମାତ୍ରକେ ଘୂରିବାକୁ ଲାଗିଲା । ସେତେବେଳେ ସେ ଓଦା ପୁର୍‌ପୁର୍ ହୋଇଥାଏ । ଜୋରରେ ଘୂରିବା ଯୋଗୁଁ ସେଥିରୁ ପୁଳାଏ ଖସି ଦୂରକୁ ଛିଟିକି ଗଲା । ପୃଥିବୀ ଖୁବ୍ ଜୋରରେ ଘୂରୁଥିବାରୁ ସେ ପୁଳା ବହୁତ ଦୂରକୁ ଚାଲିଗଲା ।



(ଜହ୍ନମାମୁ କିପରି ହେଲା)

ସେଇଥିରୁ ଗୋଟିଏ ବଡ଼ ପୁଳା ହେଉଛି ଚନ୍ଦ୍ର । ପୃଥିବୀ ଦେହରୁ ଖଣ୍ଡିଆ ହୋଇ ତାହା ଯାଇ ଅଲଗା ରହିଛି; ତେଣୁ ଚନ୍ଦ୍ର ପୃଥିବୀର ସାନ ଭାଇ । ପୃଥିବୀ ତ ଆମର ମା, ସେହି ହେତୁରୁ ଚନ୍ଦ୍ର ଆମର ମାମୁଁ ହୋଇ ରହିଛି ।

Digitized by srujan ka@gmail.com

ମାମୁ ରୂପ ବଦଳାଏ କାହିଁକି ?

କାଳକ୍ରମେ ତ ପୃଥିବୀ ଥଣ୍ଡା ହେଲା । ସେଥିରେ ପାଣି, ପବନ, ଗଛ, ଜୀବଜନ୍ତୁ ଜନ୍ମ ହେଲେ । ତେଣେ ଜହ୍ନମାମୁ ବି ଥଣ୍ଡା ହୋଇଆସିଲା; ମାତ୍ର ସେଠାରେ ପାଣି କି ପବନ କିଛି ହେଲା ନାହିଁ । ଗୁଡ଼ାଏ ଖାଲି ପାହାଡ଼ ସବୁଆଡ଼େ ଠିଆ ହୋଇ ରହିଲା । ତାହା ପୁଣି ଖାଲି ପାହାଡ଼ ନୁହେଁ—ଅଗ୍ନେୟଗିରି । ସେଥିରୁ ସବୁ ସମୟରେ ନିଆଁ, ଧୂଆଁ ଓ ତରଳ ଧାତୁ ପଦାର୍ଥ ବାହାରି ଜହ୍ନମାମୁ ଦେହଟାଯାକ ପୋଡ଼ି ପୋଡ଼ି ପକାଇଲା । ଶେଷକୁ ଜହ୍ନମାମୁ ଗୋଟାଏ ଦରପୋଡ଼ା କାଠ ପରି ହୋଇ ରହିଲା । ଏବେ ଅବଶ୍ୟ ସେ ଅଗ୍ନେୟଗିରିରୁ ଆଉ ନିଆଁ ଧୂଆଁ ଆଦି ବାହାରୁ ନାହିଁ ବୋଲି ପଣ୍ଡିତମାନେ କହୁଅଛନ୍ତି ।

ତେବେ ସେ ଯାହା ହେଉ, ଚନ୍ଦ୍ରର ନିଜର ଆଲୁଅ ନାହିଁ । ପୃଥିବୀ ବୁଲୁଛି ସୂର୍ଯ୍ୟ ଚାରିପାଖରେ ଏବଂ ଜହ୍ନମାମୁ ବି ବୁଲୁଛି ପୃଥିବୀ ଚାରିପାଖରେ । ସୂର୍ଯ୍ୟ ମଝିରେ ସ୍ଥିର୍ ହୋଇ ରହିଛି ।

ପୃଥିବୀ ଓ ଚନ୍ଦ୍ର ଘୂରୁ ଘୂରୁ ଏପରି ସମୟ ଆସେ, ଯେତେବେଳେ କି ସୂର୍ଯ୍ୟ ଓ ଚନ୍ଦ୍ର ମଝିରେ ପୃଥିବୀ ରହିଯାଏ । ଚନ୍ଦ୍ର ତ ଗୋଲ । ଚନ୍ଦ୍ରର ଯେଉଁ ପାଖଟା ପୃଥିବୀ ଆଡ଼କୁ ଥାଏ, ସେହି ପାଖଟା ବି ସୂର୍ଯ୍ୟ ଆଡ଼କୁ ରହିଥାଏ । ସୂର୍ଯ୍ୟ କିରଣ ଚନ୍ଦ୍ର ଉପରେ ସେହି ପାଖରେ ପଡ଼େ । ତେଣୁ ସେହି ପାଖଟାର ଆଲୁଅ ସ୍ପଷ୍ଟରେ ପୃଥିବୀକୁ ଦେଖାଯାଏ । ତାହାକୁ ଆମେ ପୁନେଇଁ

Digitized by srujan ka@gmail.com

ବା ପୂର୍ଣ୍ଣିମା ରାତି କହନ୍ତି । ସେଦିନ ଚନ୍ଦ୍ରର ଆଲୋକରେ ଆମ ମନ ଖୁସି ହୋଇଯାଏ ।



(ପୂନଅଁ ଓ ଉଅଁସ)

ଏହାପରେ ଧୀରେ ଧୀରେ ପନ୍ଦର ଦିନ ପରେ ଚନ୍ଦ୍ର ଆସି ପୃଥିବୀ ଓ ସୂର୍ଯ୍ୟର ମଝିରେ ରହିଯାଏ । ସେତେବେଳେ ଚନ୍ଦ୍ରର ଗୋଟାଏ ପାଖ ସୂର୍ଯ୍ୟ ଆଡ଼କୁ ଓ ଅର ପାଖଟା ପୃଥିବୀ ଆଡ଼କୁ ରହେ । ଯେଉଁ ପାଖ ସୂର୍ଯ୍ୟ ଆଡ଼କୁ ଥାଏ, ସେ ପାଖରେ କିରଣ ପଡ଼େ । ଯେଉଁ ପାଖ ପୃଥିବୀ ଆଡ଼କୁ ଥାଏ, ସେ ପାଖ ଅନ୍ଧାର । ତେଣୁ ଆମେ ଚନ୍ଦ୍ରକୁ ଆଦୌ ଦେଖିପାରୁ ନାହିଁ । ସେ ଦିନ ଉଅଁସ ବା ଅମାବାସ୍ୟା ।

ଜହ୍ନମାମୁ ଘରକୁ କିପରି ଯିବା ?

ଯୁଗ ଯୁଗ ହେଲା ମାଆମାନେ ଗୀତ ବୋଲି ଆସୁଛନ୍ତି—
“ଆ ଜହ୍ନମାମୁ ଶରଦଶଶୀ, ମୋ କୁନି ହାତରେ ପଡ଼ରେ ଖସି ।”

Digitized by srujan ka@gmail.com

କିନ୍ତୁ ଜହ୍ନମାମୁ କିଅଣ କେବେହେଲେ କାହା ହାତରେ ଖସିପଡ଼ୁଛନ୍ତି, ନା କାହା ପାଖକୁ ଆସୁଛନ୍ତି ? କେତେ ପିଲା ଅତି ବ୍ୟାକୁଳରେ ତାଙ୍କୁ ଡାକୁଛନ୍ତି, ଆଦର ସୋହାଗ କରିବେ ବୋଲି ଭାବୁଛନ୍ତି, ତାଙ୍କୁ ପାଇବାକୁ ଅଳି କରୁଛନ୍ତି, କାନ୍ଦୁଛନ୍ତି । ତଥାପି ଜହ୍ନମାମୁ ଆସୁ ନାହାନ୍ତି ।

ଏବେ ତ ସେ ଆମର ମାମୁ, ବଡ଼ଲୋକ । ପୁଣି ଅତି ବୁଢ଼ା ହୋଇଗଲେଣି । ତେଣୁ ଅବା ସେ ଆମ ପାଖକୁ ଆସିପାରୁ ନ ଥିବେ । ଚାଲ, ଆମେ ତା ପାଖକୁ ଯିବା, ତା ଘର ଦେଖିବା, ମାମୁଙ୍କୁ ସଙ୍ଗରେ ନେଇ ଆସିବା ।

ଏହା ଶୁଣି ତୁମେ ମନେ ମନେ ହସି ଉଠିବଣି । ଭାବୁଥିବ, ଏହା ଅତି ଅସମ୍ଭବ କଥା । ଜହ୍ନମାମୁ ଯାଇ କେତେ ଦୂରରେ ଆକାଶ ଦେହରେ । ଆମେ ତା ପାଖକୁ ଯିବା କିପରି ? କେତେ ଦିନେ ବା ଯାଇ ତା ପାଖରେ ପହଞ୍ଚିବା ?

କିନ୍ତୁ ଏହା ଅସମ୍ଭବ କଥା ନୁହେ । ଆଗେ ଜହ୍ନମାମୁ ଘରକୁ ଯିବା କଥା କେହି ମନରେ ଭାବୁ ନ ଥିଲେ । କେବଳ ପିଲାମାନଙ୍କୁ ବୋଧ ଦେବା ପାଇଁ ଉପରଠାକୁରିଆ ଆ ଆ ବୋଲି ଡାକୁଥିଲେ । ତେଣୁ ତା ପାଖକୁ ଆଜଯାଏ କେହି ଯାଇ ନାହାନ୍ତି । ପ୍ରବଳ ଚେଷ୍ଟା କଲେ ଦିନେ ମଣିଷ ତା ପାଖକୁ ନିଶ୍ଚୟ ହିଁ ଯିବ ।

ଜହ୍ନମାମୁ ଘରକୁ ଯିବା ପାଇଁ ଏବେ ମୋଟେ ପନ୍ଦର ବର୍ଷ ହେଲା ଉଦ୍ୟମ ହେଉଛି । ଅବଶ୍ୟ କେହି ଯାଇ ମାମୁଘରେ ପହଞ୍ଚି

Digitized by srujan ka@gmail.com

ନାହାନ୍ତି । ଏହିପରି ଉଦ୍ୟମ ଲଗି ରହିଲେ, ଆମେ ଯଦି ଯାଇ ନ ପାରିବା, ଆମ ପରେ ପୃଥିବୀକୁ ଯେଉଁ ପିଲାଏ ଆସିବେ, ସେମାନେ ନିଶ୍ଚୟ ମାମୁଘରେ ଯାଇ ପହଞ୍ଚିବେ ଏବଂ ମାମୁଙ୍କୁ ସଙ୍ଗ କରିବେ; ତାର ହାନିଲାଭ, ଭଲମନ୍ଦ ବୁଝିବେ ।

ଜହ୍ନମାମୁ ଘର କେତେ ଦୂରରେ ଜାଣ ? ଦୁଇଲକ୍ଷ ଅଠତିରିଶ ହଜାର ମାଇଲ ଦୂରରେ ଜହ୍ନମାମୁ ରହୁଛନ୍ତି । ସେଠାକୁ ରେଳରାସ୍ତା ପଡ଼ି ନାହିଁ କି ପକ୍କା କଚ୍ଚା ରାସ୍ତା ତିଆରି ହୋଇ ନାହିଁ । ତେବେ ଆମେ ସେଠାକୁ ଯିବା କିପରି ?

ଜହ୍ନମାମୁ ଘରକୁ ଯିବାକୁ ହେଲେ ଏକମାତ୍ର ଉଡ଼ାଜାହାଜ ଯୋଗେ ହିଁ ତାହା ସମ୍ଭବ ହେବ ।

୧୯୧୨ ମସିହାରେ ଉଡ଼ାଜାହାଜ ଘଣ୍ଟାକୁ ୧୦୫ ମାଇଲ୍ ବାଟ ଉଡ଼ି ପାଇପାରୁଥିଲା । ସେତେବେଳେ ଲୋକେ ଭାବିଲେ, "ବାପ୍‌ରେ ବାପ; ଏହାଠାରୁ ଅଧିକ ବେଶି ଜୋରରେ କେହି କେବେ ଯାଇପାରିବେ ନାହିଁ ।" କିନ୍ତୁ ଆଜିକାଲି ଏପରି ଉଡ଼ାଜାହାଜ ହେଲାଣି, ଯାହା କି ଘଣ୍ଟାକୁ ୭୫୦ ମାଇଲ ଉଡ଼ିପାରି ପାରୁଛି । ଚାଳିଶ ବର୍ଷ ଭିତରେ ଉଡ଼ାଜାହାଜର ଏତେ ଉନ୍ନତି ହେଲାଣି ।

ପଣ୍ଡିତମାନେ ହିସାବ କରି କହୁଛନ୍ତି, ଯେଉଁ ଉଡ଼ାଜାହାଜ ଘଣ୍ଟାକେ ପଚାଶ ହଜାର ମାଇଲ ଉଡ଼ିପାରିବ, ସେହି ଉଡ଼ାଜାହାଜରେ ବସି ଜହ୍ନମାମୁ ଘରକୁ ଗଲେ, ଆମେ ସାତଦିନ କି ଦୁଇ ଦିନରେ ଯାଇ ସେଠାରେ ପହଞ୍ଚିବା ।

Digitized by srujan ka@gmail.com

ତୁମେ ହିସାବ କରି ସାଙ୍ଗେ ସାଙ୍ଗେ କହିଦେବ ଯେ, ଘଣ୍ଟାକେ ପଚାଶ ହଜାର ମାଇଲ ଲେଖାଏଁ ଗଲେ ସାଢ଼େ ନଅ ଘଣ୍ଟାରେ ଆମେ ଜହ୍ନମାମୁ ପାଖରେ ପହଞ୍ଚିବୁ । ତେବେ ଦୁଇ ଦିନ ବା ଅଠଚାଳିଶ ଘଣ୍ଟା ଲାଗିବ କାହିଁକି ?

ତୁମେ ତ ଜାଣ, ପୃଥିବୀ ସବୁ ଜିନିଷକୁ ତା ଆଡ଼କୁ ସବୁବେଳେ ଟାଣୁଛି । ସେହି ଟାଣିବାକୁ ମାଧ୍ୟାକର୍ଷଣ ଶକ୍ତି କହନ୍ତି । ଆମେ ଉପରକୁ ଡେଇଁଲେ, ସାଙ୍ଗେ ସାଙ୍ଗେ ତଳେ ପଡ଼ିଯିବ । ଫୁଟବଲକୁ କସି କରି ଉପରକୁ ମାରିଦେଲେ, ତାହା ପୁଣି ତଳକୁ ଫେରି ଆସେ । ଗଛରେ ଫଳଟିଏ ପାଚିଗଲେ, ତା ଡେମ୍ଫ ନରମ ହୋଇଯିବାକ୍ଷଣି ଫଳଟି ତଳେ ପଡ଼ିଯାଏ । ଏପରି ହୁଏ କାହିଁକି ?

କେବଳ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ଏହା ହୋଇଥାଏ । ପୃଥିବୀ ମା କାହାକୁ ହେଲେ ପଦାକୁ ଛାଡ଼ି ଦେବାକୁ ଚାହେଁ ନାହିଁ; ସମସ୍ତଙ୍କୁ ନିଜ କୋଳକୁ ଟାଣି ଆଣୁଥାଏ । ଉଡ଼ାଜାହାଜ ସିଧା ଆଗକୁ ଉଡ଼ିଲେ ଯେଉଁ ବେଗରେ ଯାଇପାରିବ, ଉପରକୁ ଉଠିଲେ, ତା ଅପେକ୍ଷା କମ୍ ବେଗରେ ଯିବ । ଯେଉଁ ଉଡ଼ାଜାହାଜ ସିଧା ଗତି କଲେ ଘଣ୍ଟାକେ ପଚାଶ ହଜାର ମାଇଲ ଯିବ, ସେ ତଳୁ ଉପରକୁ ଉଠିଲେ, ଘଣ୍ଟାକେ ପାଞ୍ଚହଜାର ମାଇଲରୁ ବେଶି ଯାଇପାରିବ ନାହିଁ ।

ଆଉ ଗୋଟିଏ କଥା, ପୃଥିବୀକୁ ବାୟୁ ଚାରିଆଡ଼େ ଘେରି ରହିଛି । ମାଛ ଯେପରି ପାଣିଭିତରେ ବୁଡ଼ି ରହିଥାଏ, ଆମେ ସମସ୍ତେ ସେହିପରି ବାୟୁଭିତରେ ବୁଡ଼ି ରହିଥାଉଁ । ବାୟୁର ବି ଗୋଟାଏ ସୀମା ଅଛି । ଏହି ବାୟୁସ୍ତର ପୃଥିବୀ ଉପରେ ଦୁଇ ଶହ

Digitized by srujan ka@gmail.com

ମାଇଲ୍ ଯାଏ ରହିଛି ବୋଲି ପଣ୍ଡିତମାନେ ହିସାବ କରି କହନ୍ତି । ଦୁଇ ଶହ ମାଇଲ—କିଛି କମ୍ କଥା ନୁହେଁ । ପୃଥିବୀର ସବୁଠାରୁ ଉଚ୍ଚ ପର୍ବତଶୃଙ୍ଗ ଏଭେରେଷ୍ଟ । ତାହା ମୋଟରେ ସାଢ଼େ ପାଞ୍ଚ ମାଇଲ ଉଚ୍ଚ । ଏହା ତୁଳନାରେ ଦୁଇ ଶହ ମାଇଲ କେତେ, ତାହା ମନେ ମନେ ଅନୁମାନ କରି ନିଅ ।

ଏ ଉଡ଼ାଜାହାଜ ଚାଲିବ କିପରି ?

ଏ ସବୁ ତ ହିସାବ କିତାବ ବୁଝିଲ । ମନେ କର, ମାମୁଁ ଘରକୁ ଯିବାପାଇଁ ଘଣ୍ଟାକୁ ୨୫ ହଜାର ମାଇଲ ଯିବା ଉଡ଼ାଜାହାଜ ତିଆରି ହେଲା । କିନ୍ତୁ ସେ ଉଡ଼ାଜାହାଜ ଯିବ କିପରି ?

ତୁମେ ତ ଜାଣ, ଉଡ଼ାଜାହାଜ ଇଞ୍ଜିନ ପେଟ୍ରୋଲରେ ଚାଲେ । ଆକାଶ ମଝିରେ ତ ଆଉ କେଉଁଠି ପେଟ୍ରୋଲ ଟାଙ୍କି ନାହିଁ—ଯେଉଁଠାରୁ କି ଆମେ ଦରକାର ବେଳେ ପେଟ୍ରୋଲ ନେଇପାରିବା । ତେଣୁ ସବୁଯାକ ପେଟ୍ରୋଲ ଏହି ପୃଥିବୀରୁ ହିଁ ନେବାକୁ ହେବ । କିନ୍ତୁ ଗୋଟାଏ ଉଡ଼ାଜାହାଜରେ ଏତେ ପେଟ୍ରୋଲ ଥରକେ ନେବା କଦାପି ସମ୍ଭବ ନୁହେଁ ।

ବୈଜ୍ଞାନିକମାନେ ମଧ୍ୟ ଏହାର ଉପାୟ ଠିକ୍ କରି ସାରିଲେଣି । ତୁମେ ଶୁଣିଥିବ, ଆଜିକାଲି ପରମାଣୁ ବୋଲି ଗୋଟାଏ ଜିନିଷ ବୈଜ୍ଞାନିକମାନେ ବାହାର କରିଅଛନ୍ତି । ପୃଥିବୀରେ ଏପରି କୌଣସି ଅସାଧ୍ୟ କାମ ନାହିଁ, ଯାହା କି ଏହି ପରମାଣୁ ଦ୍ୱାରା ନ ହେବ । ଗଲା ଯୁଦ୍ଧ ସମୟରେ ଜାପାନର ଦୁଇଟି ବଡ଼ ସହର ଉପରେ ଦୁଇଟି ପରମାଣୁ ବୋମା ଆମେରିକାର ସୈନ୍ୟମାନେ ପକାଇ-ଥିଲେ । ତା ଫଳରେ ଛଅ ବର୍ଷ ହେଲା ଲାଗିଥିବା ଯୁଦ୍ଧ ବନ୍ଦ

Digitized by srujan ka@gmail.com

ମଧ୍ୟରେ ଶେଷ ହୋଇଗଲା । ପରମାଣୁ ବୋମା ପଡ଼ିବାରୁ ଅର୍ଦ୍ଧ ମିନିଟକେ ଦୁଇଟା ବଡ଼ ସହର ଏକାବେଳକେ ଚୂରମାର ହୋଇଗଲା । ଲକ୍ଷ ଲକ୍ଷ ଲୋକ, ଜୀବଜନ୍ତୁ ସବୁ ଶୋଇଲେ । ମୁହୂର୍ତ୍ତିକ ମଧ୍ୟରେ ସହର ଦୁଇଟା ମଶାଣି ପାଲଟିଗଲା । ଏତିକିରେ ଜାପାନ ଲୋକଙ୍କ ବୁଦ୍ଧି ହଜିଗଲା; ସେମାନେ ଯୁଦ୍ଧ ବନ୍ଦ କରି ସନ୍ଧି କଲେ ।

ବୈଜ୍ଞାନିକମାନେ କହନ୍ତି, ଏହି ପରମାଣୁ ଶକ୍ତିର କାଣିଚାଏ ହେଲେ ଜହ୍ନମାମୁ ପାଖକୁ ଯିବା ଉଡ଼ାଜାହାଜ ଅକ୍ଲେଶରେ ଯାଇପାରିବ । ଆଉ ପେଟ୍ରୋଲ କଥା ଭାବିବାକୁ ପଡ଼ିବ ନାହିଁ ।

ସବୁ ଦେଶର ବଡ଼ ବଡ଼ ବୈଜ୍ଞାନିକମାନେ ଏପରି ଉଡ଼ାଜାହାଜ ଓ ପରମାଣୁ ଶକ୍ତି ଲଗା ଇଞ୍ଜିନ ତିଆରି କରିବାକୁ ଲାଗି ପଡ଼ିଛନ୍ତି । ବୈଜ୍ଞାନିକମାନଙ୍କର ତ ଯାହା ଝୁଙ୍କ ଉଠେ, ତାହା କାର୍ଯ୍ୟରେ ନ ଦେଖାଇବା ଯାଏ, ସେମାନେ ଥୟ ହୋଇ ରହି ପାରନ୍ତି ନାହିଁ । ଏଇଥିରୁ ମନେ ହେଉଛି, ଆମେ ଅବା ଜହ୍ନମାମୁ ଘରକୁ ଯାଇ ନ ପାରିବା; କିନ୍ତୁ ଆମ ପରେ ଆମ ପିଲାମାନେ ନିଶ୍ଚୟ ଉଡ଼ାଜାହାଜରେ ବସି ମାମୁଘରକୁ ଯିବେ ହିଁ ଯିବେ ।

ମାମୁଘରେ କଅଣ ଅଛି

ମନେକର ଆମର ଉଡ଼ାଜାହାଜ ଠିକ ହୋଇଗଲା । ପରମାଣୁ ଶକ୍ତି ବଳରେ ତାହା ସାଇଁ ସାଇଁ ହୋଇ ଉପରକୁ ଉଠିଲା । ସେତେବେଳକୁ ଆମ ମନ କୁଣ୍ଢେ ମୋଟ ହୋଇ ଯାଇଥିବ । ଲକ୍ଷ ଲକ୍ଷ ବର୍ଷ ହେଲା ଯେଉଁ କାମ କରିବାକୁ କେହି ସାହସ କରୁ ନ

Digitized by srujan ka@gmail.com

ଥିଲେ, ଆମେ ସେ ଅସାଧ୍ୟ ସାଧନ କରିବାକୁ ବାହାରିଥାଉଁ । ଏଥିରେ ମନ ଖୁସି ନ ହେବ ବା କାହିଁକି ?

କିନ୍ତୁ ଆମେ ଯେତିକି ଉପରକୁ ଉଠିବା, ଆମକୁ ସେତିକି ଅସୁଖ ଲାଗିବ । ଆମର ଏଠାରେ ବାୟୁର ଚାପ ଯେତେ, ଉପରେ ବାୟୁର ଚାପ ତା ଅପେକ୍ଷା କମ୍ । ତେଣୁ ଆମେ ଯେତିକି ଉପରକୁ ଉଠିବା, ଆମ ନିଃଶ୍ୱାସ ପ୍ରଶ୍ୱାସ ସେତିକି କମି ଆସିବ । ଦୁଇ ଶହ ମାଇଲ ଉପରକୁ ଗଲା ପରେ ସେତକ ବି ବନ୍ଦ ହୋଇଯିବ । ତା ପରେ ଆଉ ଜମା ବାୟୁ ନାହିଁ; ତେଣୁ ଆମେ ଆଦୌ ନିଃଶ୍ୱାସ ପ୍ରଶ୍ୱାସ ନବା ଆଣିବା କରିପାରିବା ନାହିଁ—ଅଣନିଃଶ୍ୱାସୀ ହୋଇଯିବା । ତା ଫଳରେ ନିଶ୍ଚୟ ତ ମରି ଯିବା । ସେଥିପାଇଁ ପୃଥିବୀରୁ ଅନୁକୂଳ କଳବେଳକୁ ଆମକୁ ବ୍ୟବସ୍ଥା କରିବାକୁ ହୋଇଥିବ । ଆମର ସମୁଦାୟ ଦେହକୁ ବାୟୁ ପୂରି ରହିଥିବା ଗୋଟାଏ ଯନ୍ତ୍ରଭିତରେ ପୂରାଇ ରଖିବାକୁ ହେବ । ତା ହେଲେ ବାୟୁ ଅଭାବ ଆମକୁ ଆଉ ବାଧିବ ନାହିଁ ।

ଯାହା ହେଉ, ଏତେ କଷ୍ଟ ସହି ଆମେ ଜହ୍ନମାମୁ ଘରକୁ ଗଲେ । ସେଠାରେ ଯାଇ ଦେଖିବା କଅଣ ? ଗୁରୁଅଡ଼େ ଖାଲି ନୀରସ, ରୁକ୍ଷ ପାହାଡ଼ ଟାଙ୍ଗର ଭୂଇଁ; କେବଳ ଖାଲ ଢିପ । ପୃଥିବୀ ଉପରୁ ଆମକୁ ଜହ୍ନମାମୁ ଏଡ଼େ ସୁନ୍ଦର ଦିଶେ, ଏପରି ଅଣ୍ଡା ଲାଗେ; ମାତ୍ର ପାଖକୁ ଗଲେ ଦେଖିବା ନିତାନ୍ତ କଳା କଟକଟ ଅନ୍ଧାର ଜାଗାଟାଏ । ଯାହା କହନ୍ତି—ଦୂରକୁ ପର୍ବତ ସୁନ୍ଦର !

ମାମୁଘର କେବଳ ଶୁଖିଲା ପାହାଡ଼ ପର୍ବତ ଓ ମରୁଭୂମିରେ ପୂରି ରହିଛି । ସେଠାରେ ପାଣି ନାହିଁ କି ପବନ ନାହିଁ; ତେଣୁ ଗୋଟିଏ ସୁଦ୍ଧା ଦୁବଗଛ କେଉଁଠାରେ ପାଇବା ନାହିଁ । ଫୁଲ ଫଳ

Digitized by srujan ka@gmail.com

କା କୁଆଡ଼ୁ ଆସିବ ? ମଣିଷ, ଜୀବଜନ୍ତୁ, ପଶୁପକ୍ଷୀ କଥା ତ ଛାଡ଼ । ଚନ୍ଦ୍ର ଦେହର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ବୁଲି ଆସିଲେ ଗୋଟିଏ ସୁଦ୍ଧା ପ୍ରାଣୀର ଦେଖ ପାଇବା ନାହିଁ ।

(ଜହ୍ନମାମୁଁର ଦେହ)

୦ ଜହ୍ନମାମୁଁ ଆମ ପୃଥିବୀ ମାଆଠାରୁ ଖୁବ୍ ସାନ । ପଚାଶଟି ଜହ୍ନ ଏକାଠି ହେଲେ ଯାଇ ପୃଥିବୀ ଖାଙ୍କରେ ସମାନ ହେବେ ।

Digitized by srujan ka@gmail.com

କିନ୍ତୁ ସେଥିରେ ଯେଉଁ ପର୍ବତ ଅଛି, ତାହା ଆମ ପୃଥିବୀର ସବୁଠାରୁ ଉଚ୍ଚ ପର୍ବତ ହିମାଳୟଠାରୁ ବି ବହୁତ ବଡ଼ । କିନ୍ତୁ ଆମ ହିମାଳୟ ପର୍ବତ ଭଳି ସେଗୁଡ଼ିକରେ ଗଛ ଲତା, ବଣ ଜଙ୍ଗଲ ନ ଥାଏ, କି ଗଙ୍ଗା ବ୍ରହ୍ମପୁତ୍ର ନଦୀ ପରି କୌଣସି ନଦୀ, ଝରଣା ନ ଥାଏ । ସେଠାରେ ଯେଉଁ ସମୁଦ୍ର ଅଛି, ତାହା ଆମ ପୃଥିବୀର ସମୁଦ୍ରଠାରୁ ବେଶି ଗମ୍ଭୀର; ମାତ୍ର ମୁନ୍ଦାଏ ହେଲେ ପାଣି ସେଥିରେ ଦେଖିବାକୁ ମିଳିବ ନାହିଁ ।

ସେଠାରେ ଆମର ଅସୁବିଧା କଅଣ ହେବ ?

ଜହ୍ନ ଦେଶରେ ପାଣି ପବନ ନାହିଁ । ଶୋଷ କଲେ ଆମ ଛାତି ଫାଟିଯିବ ପଛକେ, ଟୋପାଏ ପାଣି ପିଇବାକୁ ମିଳିବ ନାହିଁ । ପବନ ନ ଥିବାରୁ ଆମେ ନିଃଶ୍ୱାସ ନେଇପାରିବା ନାହିଁ । ପୁଣି ଆମେ ଖାଇବା କଅଣ ? ସେଠାରେ ଧାନ ଗହମ ଆଦି ଫସଲ କଥା ଛାଡ଼; ଗୋଟିଏ ହେଲେ ଗଛ ଲତା ସୁଦ୍ଧା ନାହିଁ । ଭୋକ ବିକଳରେ ଖାଲି ହାଉଁପାଉଁ ହେବା ସିନା !

ଅଳ୍ପ ମଧ୍ୟ ସେଠାରେ ଦିନବେଳା ଅସହ୍ୟ ଗରମ । ଆମେ ପହଞ୍ଚିଯିବା ସାଙ୍ଗେ ସାଙ୍ଗେ ଆମ ଦେହ, ମୁହଁ, ହାତ ଏକା-ବେଳକେ ସିଝିଯିବ । ନିଆଁରେ ତାତି ନାଲି ଟହଟହ ହୋଇଥିବା ଗୋଟାଏ ଲୁହା କରେଇରେ ଜୀଅନ୍ତା ମାଛଟିଏ ପକାଇ ଦେଲେ, ସେ ଯେପରି ଛଟପଟ ହେବ, ଆମେ ଦିନବେଳା ମାମୁଘରେ ପହଞ୍ଚିଲେ ସେହିପରି ଛଟପଟ ହେବା । କିନ୍ତୁ ରାତରେ ଠିକ୍ ଏହାର ଓଲଟା । ସେତେବେଳେ ଏତେ ଥଣ୍ଡା ଯେ, ଆମ ଦେହର ରକ୍ତଗୁଡ଼ାକ ବି ବରଫ ପାଲଟିଯିବ ।

Digitized by srujan ka@gmail.com

ଆମକୁ ଏଠାରେ ଆକାଶର ତାରାଗୁଡ଼ିକ ଢେର ସୁନ୍ଦର ଦେଖାଯାଆନ୍ତି, ମିଟିମିଟି ଆଖି ଠାର ସତେ ଅବା ଆମକୁ ତାଙ୍କ ପାଖକୁ ଯିବାକୁ ଡାକୁଥାଆନ୍ତି । କିନ୍ତୁ ଜହ୍ନମାମୁ ଘରେ ଠିଆ ହୋଇ ଚାହିଁଲେ, ସେ ତାରାସବୁ ଆମ ଆଖି ଝଲସାଇ ଦେବେ; ଜଳୁଥିବା ବଡ଼ ବଡ଼ ବିଜୁଳି ବଲ୍‌ବ ପରି ଆମକୁ ଦେଖାଯିବେ ।

ଏବେ ଜାଣିଲ ତ, ଆମ ମାମୁଘରର ଗୁଣ । ସେଠାରେ ମୁହୂର୍ତ୍ତେ ହେଲେ ରହିବାର କିଛି ସୁବିଧା ନାହିଁ । କୌଣସି ପ୍ରକାର ବାସନା ନାହିଁ କି ଗନ୍ଧ ନାହିଁ । କିଛି ହେଲେ ଖାଇବାକୁ ମିଳିବ ନାହିଁ କି ପିଇବାକୁ ମିଳିବ ନାହିଁ । ଦେଖିବା ପାଇଁ ମଧ୍ୟ କିଛି ନାହିଁ । ଦେହକୁ ଆରାମ ଦେଲା ପରି ବି କିଛି ଜଣା ପଡ଼ିବ ନାହିଁ । ଦୁଇ ପଦ ମନକଥା ଖୋଲି କହିବା—ଏପରି ମଧ୍ୟ କାହାକୁ ସେଠାରେ ପାଇବା ନାହିଁ ।

ସେଠାରେ କଅଣ ସୁବିଧା ହେବ ?

ତେବେ ଯେଉଁମାନେ ଖେଳପ୍ରିୟ, ସେମାନଙ୍କର ସେଠାରେ ବିସ୍ତର ଲାଭ ହେବ । ସେଠାରେ ଯଦି ଫୁଟବଲ୍ ଖେଳ ପ୍ରତିଯୋଗିତା ହୁଏ, ତେବେ କେବେ ହେଲେ କାହାରି ଉପରେ 'ଗୋଲ୍' ହେବ ନାହିଁ । ଥରେ ଫୁଟବଲକୁ ଉପରକୁ ମାରିଦେଲେ, ସେ ସେହି ଉପରେ ହିଁ ରହିଥିବ । ଚାହିଁ ଚାହିଁ ତୁମ ଆଖିପାଣି ଆଖିରେ ମରିବ ସିନା, ଫୁଟବଲ୍ ଆଉ ତଳେ ପଡ଼ିବ ନାହିଁ । ସେହିପରି ଯେ ହାଇଜମ୍ପ୍ କରିବ, ସେ ଥରେ

Digitized by srujan ka@gmail.com

ଡେଇଁଲେ ଅନ୍ତତଃ ଚାଳିଶ ଫୁଟ ଉପରକୁ ଉଠିଯିବ । ଆଉ ଯେ ତଳେ ପଡ଼ିବ ତା ନୁହେଁ, ସେହି ଉପରେ ହିଁ ଝୁଲୁଥିବ ।

ଦଉଡ଼ିବା ପ୍ରତିଯୋଗିତା ହେଲେ, ପୃଥିବୀରେ ଯେ ଘଣ୍ଟାକେ ପାଞ୍ଚ ମାଇଲ୍ ଦଉଡ଼ି ନ ପାରେ, ସେଠାରେ ସେ ସେହି ସମୟରେ ନବେ ମାଇଲ୍ ପର୍ଯ୍ୟନ୍ତ ଅବାଧରେ ଦଉଡ଼ିଯିବ । ଏ କଅଣ କମ୍ ସୁବିଧା !

ଆମ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଅଛି । ପୃଥିବୀ ସେହି ଶକ୍ତିବଳରେ ସମସ୍ତଙ୍କୁ ନିଜ ଆଡ଼କୁ ଟାଣୁଛି । ତେଣୁ ଫୁଟବଲ୍ ଉପରକୁ ମାରିଦେଲେ, ତାହା ବେଶି ସମୟ ଉପରେ ନ ରହି ତଳକୁ ଖସି ପଡ଼ୁଛି । ଆମେ ହାଇଜମ୍ପ୍ କଲେ ବେଶି ଉପରକୁ ଉଠିପାରୁ ନାହୁଁ ; ପୃଥିବୀ ଆମ ଗୋଡ଼ ଦୁଇଟାକୁ ଟାଣି ଧରୁଛି । ଦଉଡ଼ିବା ବେଳେ ମଧ୍ୟ ସେହି କାରଣରୁ ଯୋରରେ ଦଉଡ଼ି ପାରୁ ନାହୁଁ ।

କିନ୍ତୁ ଚନ୍ଦ୍ର ଦେହରେ ମାଧ୍ୟାକର୍ଷଣ ଶକ୍ତି ନାହିଁ; ତେଣୁ ସେଠାରେ ଯାହା ଉପରକୁ ଉଠେ, ତାହା ସେହିଠାରେ ରହିଯାଏ; ଆଉ ତଳକୁ ଆସିପାରେ ନାହିଁ ।

ଆଉ ଗୋଟାଏ ମଜାକଥା ଶୁଣିବ ? ଏଠାରେ ଆମେ ଆଠ ଦଶ ସେର ଓଜନର ଜିନିଷ ଟେକିପାରୁ ନ ଥାଉଁ; କିନ୍ତୁ ଜହ୍ନମାମୁ ଘରେ ଆଠ ଦଶ ମହଣ ଓଜନର ଜିନିଷ ଅକ୍ଳେଶରେ ଟେକି ନେଇଯିବା ।

Digitized by srujan ka@gmail.com

ଜହ୍ନମାମୁ ଘରର ଅସୁବିଧା ସୁବିଧା କଥା ଜାଣିଲ । ଏବେ କହିଲ ଦେଖି, ସେଠାକୁ ଯିବାକୁ ତୁମ ମନ ହେଉଛି ନା ନାହିଁ ।

ତୁମ ମନ ହେଉ ବା ନ ହେଉ, ବୈଜ୍ଞାନିକମାନେ ସେଠାକୁ ଯିବାପାଇଁ ପ୍ରାଣପଣେ ଉଦ୍ୟମ କରୁଛନ୍ତି । ମାମୁ ଯେତେ ଗରିବ ହେଉ ପଛକେ, ତାଙ୍କ ଘରକୁ ଯିବାପାଇଁ କେଉଁ ପିଲାର ମନ ନ ହେବ ? ଅନେକ ଦେଶରେ ଏହି ମାମୁଘର ଯାତ୍ରା କରିବାଲାଗି ଖୁବ୍ ଯୋଗାଡ଼ ହେଲାଣି । ଏବେ ତ ସମ୍ବାଦ ବାହାରିଥିଲା ଯେ, ଆମେରିକାରେ ଅଜିଠାରୁ ଟିକଟ ବିକ୍ରି ଚାଲିଲାଣି । ଯେ ଆଗ ଟିକଟ କିଣିଥିବ, ସେ ଆଗ ମାମୁଘରକୁ ଯିବାର ସୁବିଧା ପାଇବ । ପ୍ରଥମେ ଯେ ମାମୁଘରକୁ ଯାଇ ମାମୁଙ୍କୁ ସାକ୍ଷାତ୍ କରି ଆସିବ, ତାର ନାମ ଯୁଗଯୁଗକୁ ରହିଯିବ । ଆମେ ଯଦି ସେମାନଙ୍କ ସାଙ୍ଗରେ ମିଶି ପ୍ରଥମେ ଯାଇପାରିବା, ତେବେ ସମସ୍ତେ ଆମକୁ ଧନ୍ୟ ଧନ୍ୟ କହିବେ, ବହୁତ ପ୍ରଶଂସା କରିବେ । ଖାଲି କଅଣ ଆମେ ପ୍ରଶଂସା ପାଇବା ? ଆମ ଦେଶର ମାନମର୍ଯ୍ୟାଦା ବି ବହୁତ ବଢ଼ିଯିବ ।

ତେଣୁ ଏ ସୁଯୋଗ ଆମର ଛାଡ଼ିବାର ନୁହେଁ ।

ମୁଦ୍ରାକର—ଶ୍ରୀ ଘନଶ୍ୟାମ ଦାଶ, ନବ ସ୍ୱୋର୍ଣ୍ଣ ପ୍ରେସ୍, ବ୍ରହ୍ମପୁର

Digitized by srujan ka@gmail.com